ଓଡିଶାରେ

# ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ର

କାର୍ଯ୍ୟକାରିତା ସମ୍ବନ୍ଧରେ

# ଓଡିଶା ସରକାରଙ୍କ ଅନୁସୂଚୀତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପ୍ରକାଶିତ ପୁନର୍ପୌନିକ ଜିଜ୍ଞାସାପତ୍ର

---------------

**ଓଡିଶା ସରକାର**

**ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ**

ପତ୍ରସଂଖ୍ୟା- **TD-II-51/08- 40373 / SSD Dated, Bhubaneswar 21.11.08**

ପ୍ରେରକ-

ଶ୍ରୀ ପ୍ରଦୀପ୍ତ କୁମାର ଦାସ, ସରକାରଙ୍କ ଅନୁସଚୀବ

ପ୍ରାପ୍ତେଷୁ,

୧. ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ (ଜଙ୍ଗଲ ଅଧିକାର) କମିଟିର ଅଧ୍ୟକ୍ଷ

୨. ସମସ୍ତ ଉପ-ଜିଲ୍ଲାପାଳ ଏବଂ ଉପଖଣ୍ଡ-ସ୍ତରୀୟ (ଜଙ୍ଗଲ ଅଧିକାର) କମିଟିର ଅଧ୍ୟକ୍ଷ

୩. ସମସ୍ତ ପ୍ରକଳ୍ପ ପ୍ରଶାସକ, ଆଇ.ଟି.ଡି.ଏ.

୪. ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ. (ଅଣ-ଅନୁସୂଚୀତ ଅଞ୍ଚଳସମୂହ ପାଇଁ)

୫. ସମସ୍ତ କିଲ୍ଲା ମଙ୍ଗଳ ଅଧିକାରୀ

*ବିଷୟ- ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲଅଧିକାର ସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ର କାର୍ଯ୍ୟକାରିତା ସମ୍ବନ୍ଧରେ ପୁନର୍ପୌନିକ ଜିଜ୍ଞାସାପତ୍ର ଏବଂ ତହିଁର ଉତ୍ତରମାଳା*

**ମହାଶୟ/ମହାଶୟା,**

ମୁଁ ନିର୍ଦ୍ଦେଶନା ମତେ ଏହା ସହିତ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାରସମୂହକୁ ସ୍ୱୀକୃତି ପ୍ରଦାନ) ଆଇନ୍ ୨୦୦୬ର କାର୍ଯ୍ୟକାରିତା ସମ୍ବନ୍ଧରେ ଏକ ପୁନର୍ପୌନିକ ଜିଜ୍ଞାସାପତ୍ର ଏବଂ ତହିଁର ଉତ୍ତରମାଳା ଆପଣଙ୍କର ଅବଗତି ଏବଂ ମାର୍ଗଦର୍ଶନ ନିମନ୍ତେ ପ୍ରେରଣ କରୁଅଛି । ଉକ୍ତ ଆଇନ୍‌ର କାର୍ଯ୍ୟକାରିତା ସହ ଜଡିତ ହିତାଧିକାରୀ/ଦାବୀଦାର/ସରକାରୀ ଏବଂ ବେସରକାରୀ ବ୍ୟକ୍ତିମାନଙ୍କର ସ୍ପଷ୍ଟୀକରଣ ଉଦ୍ଦେଶ୍ୟରେ ଏହି ଜିଜ୍ଞାସାପତ୍ର ଏବଂ ଉତ୍ତରମାଳାକୁ ବ୍ୟବହାର କରାଯାଇପାରେ ।

ଆପଣଙ୍କର ବିଶ୍ୱସ୍ତ,

**ସ୍ୱା/ ଅନୁସଚୀବ, ଓଡିଶା ସରକାର**

ତା ୨୧.୧୧.୨୦୦୮ ରିଖ

# ପୁନଃପୌନିକ ଜିଜ୍ଞାସାପତ୍ର

***୧. ଏହି ଆଇନ୍ ଫଳରେ ଆମର ଜଙ୍ଗଲସମ୍ପଦ ଏବଂ ପରିବେଶ ନଷ୍ଟ ହେବାର ବିପଦ ରହିଛି କି ?***

କଦାପି ନୁହେଁ । ଆମେ ଜାଣିବା ଉଚିତ୍ ଯେ, ପୂର୍ବରୁ ପ୍ରଚଳିତ ରହିଆସିଥିବା ଜଙ୍ଗଲ ସଂରକ୍ଷଣ ଆଇନ୍ର ପରିସର ଭିତରେ ମଧ୍ୟ ପୁରାତନ ବସତିଗୁଡିକର ନିୟମିତୀକରଣ ପାଇଁ ବିଭିନ୍ନ ପ୍ରାବ୍ଧାନ ଏବଂ ପଦ୍ଧତିମାନ ବିହିତ ହୋଇଥିଲା । ଏହି ପୂର୍ବପ୍ରଚଳିତ ବ୍ୟବସ୍ଥାରେ ଲୋକମାନଙ୍କର ଭାଗିଦାରିତା ପାଇଁ ସୁସ୍ପଷ୍ଟ ସୁଯୋଗ ନଥିଲା । ଏହି ଆଇନ୍ ନିର୍ଦ୍ଦେଶ ଦେଉଛି ଯେ, ପ୍ରତି ଦାବୀର ନିରୂପଣ ଓ ନିର୍ଦ୍ଧାରଣ ପାଇଁ ଗ୍ରାମସଭା (ଓଡିଶା ପରିପ୍ରେକ୍ଷୀରେ ପଲ୍ଲୀସଭା) ହିଁ ହେଉଛି କର୍ତ୍ତୃପକ୍ଷ । ପୂର୍ବ ବ୍ୟବସ୍ଥାରେ ୨୫ ଅକ୍ଟୋବର ୧୯୮୦କୁ ଧାର୍ଯ୍ୟ ତରିଖ ରୂପେ ସ୍ଥିର କରାଯାଇଥିଲା । ବର୍ତ୍ତମାନ ଅନସୂଚୀତ ଜନଜାତିସମୂହଙ୍କ ପାଇଁ ଏହି ତାରିଖ ୧୩ ଡିସେମ୍ବର ୨୦୦୫ ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ପାଇଁ ୧୩ ଡିସେମ୍ବର ୧୯୩୦ କରାଯାଇଛି । ଏହି ଆଇନ୍ କେବଳ ବର୍ତ୍ତମାନ କାଏମ୍ ଥିବା ଦଖଲକୁ ସ୍ୱୀକୃତି ଦେଉଛି ; ପୁଣି ନୂଆ କରି କୌଣସି ଜଙ୍ଗଲକୁ ନଷ୍ଟ କରିବା ଏହାର ଲକ୍ଷ୍ୟ ନୁହେଁ । କ୍ଷେତ୍ର ଉପରେ ବିଦ୍ୟମାନ ଥିବା ବାସ୍ତବ ସ୍ଥିତିକୁ ବୈଧାନିକ ସ୍ୱୀକୃତି ଦେବା ଏହାର ମୂଳ ଲକ୍ଷ୍ୟ । ଏହି ଦୃଷ୍ଟିରୁ ଜଙ୍ଗଲ ପ୍ରତି ବାସ୍ତବରେ କୌଣସି ବିପଦ ନାହିଁ । ଜଙ୍ଗଲକ୍ଷୟ ମୂଳତଃ ଘଟିଥାଏ ବ୍ୟବସାୟିକ ସ୍ୱାର୍ଥସାଧନ ପାଇଁ, ଗରିବ ଲୋକଙ୍କର ବଞ୍ଚିବା ପାଇଁ ପ୍ରକୃତରେ ଆବଶ୍ୟକ ପଡୁଥିବା ସାଧନ ପାଇଁ ନୁହେଁ । ଆମେ ଏହା ବୁଝିବା ଜରୁରୀ ଯେ, ଜଙ୍ଗଲ ଅଞ୍ଚଳରେ ଆମ ପାର୍ଶ୍ୱରେ ଯଦି ସାଧାରଣ ଲୋକଙ୍କର ବସବାସ କରିବା ଆଇନସିଦ୍ଧ ହୁଏ, ତେବେ ଜଙ୍ଗଲ ବିଭାଗ ନିଜର ପ୍ରଶାସନକୁ ଅଧିକ ସୁନ୍ଦର ଭାବେ ପରିଚାଳନା କରିପାରିବ । କାଠ ମାଫିଆ ମାନଙ୍କର ଚଳାଚଳ ଓ କାରବାର ଉପରେ ସେମାନେ ଅଧିକ ନିର୍ଭରଯୋଗ୍ୟ ତଥ୍ୟ ହାସଲ କରିପାରିବେ । ସୁତରାଂ, ଉକ୍ତ ଆଇନ୍କୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରାଯାଇ ପାରିଲେ ଜଙ୍ଗଲସମୂହ ଏବଂ ପରିବେଶ ସୁରକ୍ଷିତ ରହିପାରିବ ।

***୨. କେତେକ କ୍ଷେତ୍ରରେ ଦେଖାଗଲା ଯେ, ପଲ୍ଲୀସଭାଗୁଡିକ ୧୬.୩.୨୦୦୮ କିମ୍ବା ୨୩.୩.୨୦୦୮ରେ ଅନୁଷ୍ଠିତ ହୋଇ ପାରିନାହିଁ । ସେମାନଙ୍କର ବୈଠକ ବର୍ତ୍ତମାନ ବସି ପାରିବ କି ତଥା ଜଙ୍ଗଲ ଅଧିକାର କମିଟି ଗଢି ପାରିବ କି ଏବଂ ସମଗ୍ର ପ୍ରକ୍ରିୟାକୁ ଆରମ୍ଭ କରିପାରିବ କି ?***

ହଁ, ନିଶ୍ଚୟ ଏହା ସମ୍ଭବ । ପଲ୍ଲୀସଭା ବୈଠକ କେଉଁ ତାରିଖମାନଙ୍କରେ ଅନୁଷ୍ଠିତ ହେବ, ସେ ବିଷୟ ଆଇନ୍ରେ ସୂଚୀତ ହୋଇନାହିଁ । ଯେତେବେଳେ ଏହା ଆବଶ୍ୟକ, ସେତେବେଳେ ତାହା ଅନୁଷ୍ଠିତ ହୋଇପାରିବ । ଏହା ଉଲ୍ଲେଖନୀୟ ଯେ, ନିୟମ ୧୧(୧-ଏ) ଅନୁଯାୟୀ ପଲ୍ଲୀସଭା ସମ୍ମୁଖରେ ଦାବୀଗୁଡିକୁ ଉପସ୍ଥାପନ କରିବା ପାଇଁ ଅନୁମୋଦନୀୟ ପ୍ରାରମ୍ଭିକ ସମୟସୀମା ତିନିମାସ ଥିଲା । କିନ୍ତୁ ସେହି ନିୟମରେ ସ୍ଥାନିତ ହୋଇଥିବା ଏକ ପରନ୍ତୁକ କହିଛି ଯେ, ପଲ୍ଲୀସଭା ଚାହିଁଲେ ଲିଖିତ ଭାବେ କାରଣ ଦର୍ଶାଇ ଏହି ସମୟ-ସୀମାକୁ ବଢାଇ ପାରିବେ ।

***୩. ପଲ୍ଲୀସଭା ଦ୍ୱାରା ଉପଖଣ୍ଡ ସ୍ତରୀୟ କମିଟିକୁ ଦିଆଯାଇଥିବା ସୁପାରିଶ୍ ଗୁଡିକ ଉପରେ କି ଅଗ୍ରଗତି ଘଟିଛି, ସେ ବିଷୟରେ ପଲ୍ଲୀସଭା କି ଭଳି ସୂଚନା ପାଇପାରିବ ?***

ଉପଖଣ୍ଡ ସ୍ତରୀୟ କମିଟି ବୈଠକର କାର୍ଯ୍ୟବିବରଣୀର ଏକ ପ୍ରମାଣୀକୃତ ନକଲ ପଲ୍ଲୀସଭା/ଗ୍ରାମସଭାଙ୍କୁ ପଠାଯିବ, ଯାହା ଫଳରେ ଉପଖଣ୍ଡ ସ୍ତରୀୟ କମିଟିର ସୁପାରିଶ୍ଗୁଡିକ ବିଷୟରେ ସେମାନେ ଜାଣିପାରିବେ । ଯେହେତୁ ପଲ୍ଲୀସଭାର ନିଜର ଦପ୍ତର ନାହିଁ, ସଂପୃକ୍ତ ଗ୍ରାମ ପଞ୍ଚାୟତର ସଂପ୍ରସାରଣ ଅଧିକାରୀ ବା ସଂପାଦକ ସମସ୍ତ ଦଲିଲ୍ପତ୍ରର ରକ୍ଷଣାବେକ୍ଷଣ କରିବେ

ଏବଂ ଉପଖଣ୍ଡ ସ୍ତରୀୟ କମିଟି ନିକଟରୁ ମିଳିଥିବା ଦଲିଲ୍‌ପତ୍ର ବିଷୟରେ ପଲ୍ଲୀସଭାଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପଲ୍ଲୀସଭାର ବୈଠକ ଡକାଇବା ପାଇଁ ପଦକ୍ଷେପ ନେବା ତାଙ୍କର କର୍ତ୍ତବ୍ୟ ଅଟେ ।

### *୪. ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ପ୍ରତି ଦାବୀ ସହିତ ଜାତି ପ୍ରମାଣପତ୍ର ସଂଯୁକ୍ତ ରହିବା ବାଧ୍ୟତାମୂଳକ କି ?*

ସଂଶ୍ଳିଷ୍ଟ ନଥିସଂଖ୍ୟା-୧ରେ ସ୍ଥାନିତ ଫର୍ମ-ଏ ଅନୁସୂଚୀତ ଜନଜାତି ଅନ୍ତର୍ଗତ ସଭ୍ୟମାନଙ୍କର ବ୍ୟକ୍ତିଗତ ଦାବୀ ପାଇଁ ଉଦ୍ଦିଷ୍ଟ ଏବଂ ଏହି ଫର୍ମ ଅନୁଯାୟୀ ଉପରୋକ୍ତ ପ୍ରମାଣପତ୍ରର ଏକ ପ୍ରମାଣୀକୃତ ନକଲ ସଂଯୁକ୍ତ ହୋଇଥିବା ଆବଶ୍ୟକ । ଏହି ବିଷୟ ୨୪ ଅକ୍ଟୋବର ୨୦୦୮ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକରେ ଆଲୋଚିତ ହୋଇଥିଲା ଏବଂ ଏହି ବୈଠକର ନିଷ୍ପତ୍ତି ରାଜସ୍ୱ ବିଭାଗର ପତ୍ରସଂଖ୍ୟା ୪୭୯୨୩ ତା ୧୨.୧୧. ୨୦୦୮ ମାଧ୍ୟମରେ ସୂଚୀତ ହୋଇସାରିଛି । ଦୁଇ ତୃତୀୟାଂଶ ବା ତତୋଧିକ ସଭ୍ୟସଂଖ୍ୟା ଥାଇ ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ପଲ୍ଲୀସଭା ଅନୁସୂଚୀତ ଜନଜାତିର ସଭ୍ୟମାନଙ୍କର ନାମତାଲିକାକୁ ସ୍ୱୀକୃତି ଦେଇ ଏକ ପ୍ରସ୍ତାବ ଗ୍ରହଣ କରିପାରିବେ, ଯାହା କି ରାଜ୍ୟସ୍ତରୀୟ ତଦାରଖ କମିଟି ଏବଂ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଗ୍ରହଣୀୟ ବିବେଚିତ ହେବ । କିନ୍ତୁ ଯଦି ରାଜ୍ୟସ୍ତରୀୟ ତଦାରଖ କମିଟି ବା ଜିଲ୍ଲାସ୍ତରୀୟ କମିଟି ଏହି ତାଲିକାର ପୁନର୍ବାର ଯାଞ୍ଚ ହେବା ସପକ୍ଷରେ କୌଣସି କାରଣ ଅନୁଭବ କରନ୍ତି, ତେବେ ସେମାନେ ସନ୍ଦେହାଧୀନ ମାମଲାଗୁଡିକୁ ସଂପୃକ୍ତ ତହସିଲ୍‌ଦାରଙ୍କ ମାଧ୍ୟମରେ ପୁନର୍ବାର ଯାଞ୍ଚ କରାଇପାରନ୍ତି ।

### *୫. ଏହି ଆଇନ୍‌ର କାର୍ଯ୍ୟକାରିତା ଉପରେ ମାନ୍ୟବର ହାଇକୋର୍ଟ ଏକ ରହିତାଦେଶ ଦେଇଛନ୍ତି କି ?*

ଏହା ସତ କଥା, ବିଶେଷ କରି ସଂରକ୍ଷିତ ଜଙ୍ଗଲ/ ସୁରକ୍ଷିତ ଜଙ୍ଗଲ / ବନ୍ୟପ୍ରାଣୀ ଅଭୟାରଣ୍ୟ ଇଲାକାରେ ଚୂଡାନ୍ତ ପଟ୍ଟା (ଆଇନ୍ ଅନୁଯାୟୀ ସ୍ୱତ୍ୱ) ପ୍ରଦାନ ଏବଂ ଗଛକଟାକୁ ବାରଣ କରି ମାନ୍ୟବର ହାଇକୋର୍ଟ ଗୋଟିଏ ମଧ୍ୟବର୍ତ୍ତୀ ଆଦେଶ ଜାରି କରିଥିଲେ । ରାଜ୍ୟ ସରକାର ଏହି ମଧ୍ୟବର୍ତ୍ତୀ ଆଦେଶର ପ୍ରତ୍ୟାହାର ପାଇଁ ଯଥୋଚିତ ପ୍ରାର୍ଥନା ଦାଖଲ କରିବା ସକାଶେ ସଚେଷ୍ଟ ଅଛନ୍ତି । କିନ୍ତୁ, ଆଇନ୍ ଅଧୀନରେ ସ୍ଥାନିତ ଅନ୍ୟ ବ୍ୟବସ୍ଥା ଗୁଡିକ ଉପରେ କୌଣସି ବାରଣାଦେଶ ନାହିଁ ଏବଂ ଏତାଦୃଶ ପ୍ରତ୍ୟେକ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନିଶ୍ଚିତ ରୂପେ ଆଗେଇ ନେବାକୁ ପଡିବ । ଏହି ବ୍ୟବସ୍ଥାଗୁଡିକ ଭିତରେ ଅଛି, ଜଙ୍ଗଲ ଅଧିକାର କମିଟିର ସଭ୍ୟମାନଙ୍କୁ ବାଛିବା ପାଇଁ ପଲ୍ଲୀସଭାର ପ୍ରଥମ ବୈଠକ ଡକାଇବା, ଏହି କମିଟି ବ୍ୟକ୍ତିଗତ ଏବଂ ଯୌଥ ଦାବୀଗୁଡିକୁ ସଂଗ୍ରହଣ କରିବା, କମିଟି ସେହିସବୁ ଦାବୀଗୁଡିକୁ ଯାଞ୍ଚ କରି ପଲ୍ଲୀସଭାକୁ ସୁପାରିଶ୍ କରିବା, ଉପଖଣ୍ଡ ସ୍ତରୀୟ କମିଟି ନିକଟରେ ସୁପାରିଶ୍ କରିବା ଉଦ୍ଦେଶ୍ୟରେ ପଲ୍ଲୀସଭାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହେବା, ଉପଖଣ୍ଡ ସ୍ତରୀୟ କମିଟି ଏବଂ ପରିଶେଷରେ ଜିଲ୍ଲାସ୍ତରୀୟ କମିଟିର ବୈଠକମାନ ଅନୁଷ୍ଠିତ ହେବା । ଏହିସବୁ ପଦକ୍ଷେପ ଗ୍ରହଣ ଉପରେ କୌଣସି ରହିତାଦେଶ ନାହିଁ । ଜିଲ୍ଲାସ୍ତରୀୟ କମିଟି ନିର୍ଦ୍ଧାରିତ ସମୟସୀମା ଭିତରେ ଦାବୀଗୁଡିକର ଚୂଡାନ୍ତ ନିର୍ଣ୍ଣୟ ଏବଂ ମୀମାଂସା ସଂପାଦନ କରିବା ଉଚିତ୍, ଯାହା ଫଳରେ ଦାବୀଦାର୍‌ମାନଙ୍କର ଅଧିକାର ବହନ କରୁଥିବା ଯେଉଁସବୁ ଦଲିଲ୍ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ବିଧିବଦ୍ଧ ଭାବେ ଅନୁମୋଦିତ ହୋଇଥିବ, ହାଇକୋର୍ଟରେ ବିଚାରାଧୀନ ଥିବା କେଶ୍ ଫଇସଲା ହେବା ମାତ୍ରେ ଅଥବା କୋର୍ଟଙ୍କର ଅନୁମତି ନେଇ ସେଗୁଡିକୁ ସଂପୃକ୍ତ ଦାବୀଦାରମାନଙ୍କୁ ହସ୍ତାନ୍ତର କରାଯାଇ ପାରିବ ।

### *୬. ଜଣେ ସରକାରୀ ଅଧିକାରୀ ଏକଥା କହିପାରିବେ କି, ଯେହେତୁ ରହିତାଦେଶ କାଏମ୍ ରହିଛି, ତେଣୁ କୌଣସି କାର୍ଯ୍ୟ ଆଗେଇ ପାରିବ ନାହିଁ ?*

ଯେ କୌଣସି ବିଭାଗରେ କାର୍ଯ୍ୟରତ ଯେ କୌଣସି ଅଧିକାରୀ ଯଦି କାର୍ଯ୍ୟରେ ବିଳମ୍ବ ବା ଅନ୍ୟ କୌଣସି ପ୍ରକାର ଅବହେଳା ଦେଖାନ୍ତି, ତେବେ ତାହା ଏହି ଆଇନ୍ ଅଧୀନରେ ଏକ ଅପରାଧ ଅଟେ । ଆଇନ୍‌ର ଧାରା ୭ ଅଧୀନରେ ଏକ ହଜାର

ଟଙ୍କାର ଜୋରିମାନା ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି, ଯାହାକୁ ରାଜ୍ୟ ସରକାର ପ୍ରୟୋଗ କରିବା ପାଇଁ କୁଣ୍ଠାବୋଧ କରିବେ ନାହିଁ ।

### *୭. ଜି.ପି.ଏସ୍. ଯନ୍ତ୍ରପାତି ସଂଗ୍ରହ କରିବା ପାଇଁ ନିକଟରେ ଗୋଟିଏ ଆଦେଶ ଦିଆଯାଇଛି । କିନ୍ତୁ ଜି.ପି.ଏସ୍. ଯନ୍ତ୍ରପାତି ବିନା ମାନଚିତ୍ର କିପରି ପ୍ରସ୍ତୁତ କରାଯାଇ ପାରିବ ?*

ଜି.ପି.ଏସ୍. ଯନ୍ତ୍ରପାତିର ଉପଯୋଗ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହାକି ଉଭୟ ରାଜସ୍ୱ ଓ ଜଙ୍ଗଲ ଜମିର ନିର୍ଭୁଲ୍ ଡିଗିଟାଲ୍ ମାନଚିତ୍ର ପ୍ରସ୍ତୁତ କରିବାର ଦୀର୍ଘମିଆଦି ଲକ୍ଷ୍ୟ ପୂରଣରେ ସହାୟକ ହୋଇପାରିବ । ଯଦି ଜି.ପି.ଏସ୍. କୌଶଳ ଅବଲମ୍ବନ କରାଯାଏ, ତେବେ ନିଶ୍ଚିତ ରୂପେ ଅଧିକ ନିର୍ଭୁଲତା ପାଳିତ ହେବ, କାରଣ ଏହା ଫଳରେ ଭୂପୃଷ୍ଠକୁ ଅଧ୍ୟୟନ କରୁଥିବା ଚାରୋଟି ଉପଗ୍ରହରୁ ଏକାବେଳେ ତଥ୍ୟ ସଂଗ୍ରହ କରିହେବ ଏବଂ ଯେ କୌଣସି ବିନ୍ଦୁର ଅକ୍ଷାଂଶ, ଦ୍ରାଘିମା ଏବଂ ଉଚ୍ଚତା ନିର୍ଣ୍ଣୟ କରିହେବ । ଏହା ସମ୍ଭବ, ଯଦି ସର୍ବେକ୍ଷଣ କ୍ଷେତ୍ରରେ ଆମେ ଟୋଟାଲ୍ ଷ୍ଟେସନ୍ ପଦ୍ଧତି ଉପଯୋଗ କରୁ । କିନ୍ତୁ, ଆମେ ମନେ ରଖିବା ଉଚିତ୍ ଯେ, ଆମର ଶତକଡା ଶହେ ନିର୍ଭୁଲତା ଆବଶ୍ୟକ ନାହିଁ, ଯାହା କି କ୍ଷେପଣାସ୍ତ୍ର ପ୍ରୟୋଗ ବା ଅନ୍ୟ ମହାକାଶ କାର୍ଯ୍ୟକ୍ରମରେ ଅନିବାର୍ଯ୍ୟ । ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଜି.ପି.ଏସ୍. ଯନ୍ତ୍ରପାତିର ପ୍ରୟୋଗ ବାଧ୍ୟତାମୂଳକ ନୁହେଁ । ନିୟମାବଳୀର ସଂଲଗ୍ନ ନଥିସଂଖ୍ୟା- ୨ ଓ ୩ ବ୍ୟକ୍ତିଗତ ବା ଯୌଥ ସତ୍ତ୍ୱଲିପି ପାଇଁ ଭୂକ୍ଷେତ୍ରର ପରିମାଣ ଏବଂ ଖାତା ଓ ପ୍ଲଟ୍ ନମ୍ବର ସମେତ ସୁଦୃଶ୍ୟ ଭୂଚିହ୍ନ ଦ୍ୱାରା ସୂଚୀତ ହୋଇଥିବା ଭୂକ୍ଷେତ୍ରର ସୀମାରେଖାସମୂହ । ସୁତରାଂ ଏକ ସଂପୂର୍ଣ୍ଣ ରୂପେ ନିର୍ଭୁଲ୍ ପକ୍କା ମାନଚିତ୍ରର ପ୍ରସ୍ତୁତି ଏହି ଆଇନ୍ ଅଧୀନରେ ଜରୁରୀ ନୁହେଁ । କିନ୍ତୁ କେତେକ ବାସ୍ତବ କାରଣ ଦୃଷ୍ଟିରୁ ତଥା ଭବିଷ୍ୟତରେ ଉପୁଜିବାକୁ ଥିବା ସମ୍ଭାବ୍ୟ ଜମିବିବାଦର ମୀମାଂସା କରିବାରେ ପ୍ରଶାସନିକ କର୍ତ୍ତୃପକ୍ଷମାନଙ୍କର ଦକ୍ଷତା ବୃଦ୍ଧି କରିବାର ଆବଶ୍ୟକତା ଦୃଷ୍ଟିରୁ ଏହା କରୁରୀ ଯେ, ଆମେ ପାରମ୍ପରିକ ପଦ୍ଧତି ସାହାଯ୍ୟରେ ଆମଠାରେ ଥିବା ଯୋଗ୍ୟତାର ସର୍ବୋତ୍ତମ ଉପଯୋଗ କରି ମାନଚିତ୍ରଗୁଡିକୁ ପ୍ରସ୍ତୁତ କରିବା । ରାଜ୍ୟସ୍ତରୀୟ ତଦାରଖ କମିଟି କେତେକ ମୌଳିକ ଯାଞ୍ଚ ପଦ୍ଧତି ପ୍ରୟୋଗ କରି ଏହା ସୁନିଶ୍ଚିତ କରିବେ ଯେ, (୧) ବ୍ୟକ୍ତିଗତ ଜମିଖଣ୍ଡଗୁଡିକ ପରସ୍ପରକୁ ଆବୃତ୍ତ କରୁନଥିବେ, କିମ୍ବା ଏକ ନିର୍ଦ୍ଦିଷ୍ଟ ଜମଖଣ୍ଡ ଦୁଇ ବା ତତୋଧିକ ବ୍ୟକ୍ତିଙ୍କର ସତ୍ତ୍ୱ ବୋଲି ଦର୍ଶିତ ହୋଇନଥିବ; ଏବଂ (୨) ଗୋଟିଏ ଗ୍ରାମରେ ବ୍ୟକ୍ତିଗତ ଜମି ଏବଂ ଯୌଥ ଜମି ଯାହା ପାଇଁ ସତ୍ତ୍ୱାଧିକାର ସୁପାରିଶ୍ କରାଯାଉଛି, ତହିଁର ମୋଟ ପରିମାଣ ଗ୍ରାମର ମୋଟ ଭୌଗଳିକ ଆୟତନ ଠାରୁ ବେଶି ହୋଇନଥିବ । ସୁତରାଂ ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ଜି.ପି.ଏସ୍. ଯନ୍ତ୍ରପାତି ନାହିଁ ବୋଲି କେହି ଆଳ ଦେଖାଇଲେ ତାହା ଗ୍ରହଣୀୟ ହେବନାହିଁ ।

### *୮. କାର୍ଯ୍ୟକ୍ଷେତ୍ରରେ ମାନଚିତ୍ର ଉପଲବ୍ଧ ନାହିଁ । କ'ଣ କରାଯାଇ ପାରିବ ?*

ଯଦି ରାଜସ୍ୱ ଜମି ଜଡିତ ଥାଏ, ତେବେ ତହିଁର ମାନଚିତ୍ରଗୁଡିକ ପାଇବା ପାଇଁ କଟକର ଯୋବ୍ରାସ୍ଥିତ ସର୍ଭେ ଏବଂ ମ୍ୟାପ୍ ପବ୍ଲିକେଶନ୍‌ସର ଯୁଗ୍ମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଫରମାସ୍ କରିବାକୁ ପଡିବ ଏବଂ ଏହି ଫରମାସ୍ ବିଷୟରେ ବୋର୍ଡ ଅଫ୍ ରେଭେନିଉ କାର୍ଯ୍ୟାଳୟର ଡି.ଏଲ୍.ଆର୍.ଏସ୍.ଙ୍କ ନିକଟକୁ ଅବଗତି ପଠାଯାଇଥିବ । ଏହାଛଡା, ଏହି ପ୍ରକାର ଜମି ପାଇଁ ତହସିଲ୍ ଅଫିସ୍‌ରେ ଉପଲବ୍ଧ ଥିବା କାମଚଳା ମାନଚିତ୍ର ମଧ୍ୟ ଏହି ଆଇନ୍ ଦୃଷ୍ଟିରୁ ରାଜ୍ୟ ସ୍ତରୀୟ ତଦାରଖ କମିଟି ସ୍ତରରେ ଯଥେଷ୍ଟ ବୋଲି ବିବେଚିତ ହେବ । ଜଙ୍ଗଲ ଜମି କ୍ଷେତ୍ରରେ ତହିଁର ମାନଚିତ୍ରର ସ୍କେଲ୍ ଅତ୍ୟନ୍ତ କ୍ଷୁଦ୍ର, ଯଥା ୧ : ୫୦,୦୦୦, କାରଣ ପରମ୍ପରା କ୍ରମେ ବୃହଦାକାର ଜଙ୍ଗଲ ଅଞ୍ଚଳର ପରିକଳ୍ପନା କରାଯାଇଥିଲା ଏବଂ କ୍ଷୁଦ୍ରକ୍ଷୁଦ୍ର ଜନବସତିର କଥା ବିଚାରକୁ ନିଆଯାଇନଥିଲା । ଏଭଳି କ୍ଷେତ୍ରରେ ମଧ୍ୟ ଆଇନ୍‌ର ପ୍ରୟୋଜନକୁ ମେଣ୍ଟାଇବା ପାଇଁ ବିଶିଷ୍ଟ ଭୂଚିହ୍ନ ଏବଂ ଅନ୍ୟାନ୍ୟ ଜରୁରୀ ସୂଚନାକୁ ସ୍ଥାନିତ କରି ଚିଠା ମାନଚିତ୍ର ପ୍ରସ୍ତୁତ କରିବା ଜଟିଳ ହେବନି । ଏହା ଆମେ ମନେ ରଖିବା ଉଚିତ୍ ଯେ, ଜଙ୍ଗଲ ଜମିରେ ଜବରଦଖଲ ସଂକ୍ରାନ୍ତୀୟ କେଶ୍ ରଜୁ କରିବା ପାଇଁ ଜଙ୍ଗଲ ପ୍ରଶାସନ ଅତୀତରେ କାମଚଳା ମାନଚିତ୍ର ବ୍ୟବହାର କରିଆସୁଛି । ସେହି ମାନଚିତ୍ରଗୁଡିକୁ ବର୍ତ୍ତମାନ ମଧ୍ୟ ବିଭିନ୍ନ ଦାବୀଗୁଡିକୁ ଯାଞ୍ଚ କରିବା ବେଳେ ବ୍ୟବହାର କରିହେବ । ଯଥାର୍ଥ ବୋଲି

ବିବେଚିତ ଦାବୀଗୁଡିକୁ ମାନଚିତ୍ରର ରୂପ ଦେବା ପାଇଁ ବର୍ତ୍ତମାନର ପଦସ୍ଥ ଆର୍.ଆଇ. ଏବଂ ଅମିନମାନଙ୍କ ଛଡା ଅବସରପ୍ରାପ୍ତ ଆର୍.ଆଇ. ଏବଂ ଅମିନ୍‌ମାନଙ୍କର ସାହାଯ୍ୟ ନିଆଯାଇପାରେ । ବନ୍ଦୋବସ୍ତ ଓ ଚକବନ୍ଦୀ ସଂଗଠନଗୁଡିକରୁ ଜେ.ସି. ଷ୍ଟାଫ୍ ଭଳି କେତେ କର୍ମଚାରୀ ଡି.ଏଲ୍.ଆର୍.ଏସ୍.ଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଯୋଗାଇ ଦିଆଯାଇଛି, ସେ ସଂପର୍କୀୟ ସ୍ଥିତିର ଏକ ସମୀକ୍ଷା ଜିଲ୍ଲାପାଳ କରିପାରନ୍ତି ।

### *୯. କୌଣସି ରାଜସ୍ୱ ଗ୍ରାମର ପରିସରଭୁକ୍ତ ନଥିବା ଜଙ୍ଗଲ ବସତିଗୁଡିକ ବିଷୟରେ କ'ଣ କରାଯିବ ?*

ରାଜସ୍ୱ ବିଭାଗ ପ୍ରତି ଜିଲ୍ଲାପାଳଙ୍କୁ ୨୦୦୧ ଜନଗଣନା ଅନୁଯାୟୀ ଉପଲବ୍ଧ ଜଙ୍ଗଲ ଗ୍ରାମ ସଂବନ୍ଧୀୟ ତଥ୍ୟ ଯୋଗାଇ ସାରିଛନ୍ତି । ଆଇନ୍‌ର ଧାରା ୨(ଜି) ସହିତ ଧାରା ୨(ପି-୩)କୁ ମିଶାଇ ପଢିଲେ ଏକଥା ନିଷ୍ପନ୍ନ ହୁଏ ଯେ, ପଞ୍ଚାୟତିରାଜ ବିଭାଗ ଦ୍ୱାରା ସକ୍ଷମାର୍ଥକ ବିଜ୍ଞପ୍ତି ବ୍ୟତିରେକ ମଧ୍ୟ ଏହିସବୁ ବସତିଗୁଡିକ ଆଇନ୍ ଦୃଷ୍ଟିରୁ ବସତି ପଦବାଚ୍ୟ । ସୁତରାଂ ଏହି ବସତି ଗୁଡିକର ଗ୍ରାମ-ସ୍ତରୀୟ ବୈଠକ ମଧ୍ୟ ସେତିକି ବୈଧାନିକ ଯଥାର୍ଥତା ବହନ କରିବ ଯେତିକି ସାଧାରଣତଃ ପଲ୍ଲୀସଭା କ୍ଷେତ୍ରରେ ପ୍ରଯୁଜ୍ୟ । ଯାହା ହେଉ, ପଞ୍ଚାୟତିରାଜ ବିଭାଗ ଏହି ବିଷୟରେ ଏକ ବିଶଦ୍ ବିଜ୍ଞପ୍ତି ଖୁବ୍ ଶୀଘ୍ର ଜାରି କରିବାକୁ ଯାଉଛନ୍ତି ।

### *୧୦. ଜଙ୍ଗଲ ସଂରକ୍ଷଣ ଆଇନ୍ ଅଧୀନରେ ଚିହ୍ନଟ ହୋଇଥିବା ପ୍ରାକ୍-୧୯୮୦ ବସତିସମୂହକୁ ଦ୍ୱିତୀୟ ପର୍ଯ୍ୟାୟ ମଞ୍ଜୁରି କାର୍ଯ୍ୟ ଚାଲୁ ରହିବ କି ?*

ଟି.ଏନ୍.ବେଗାଦାବର୍ମନ୍ କେଶ୍‌ରେ ଓଡିଶା ପାଇଁ ସୁପ୍ରିମ୍ କୋର୍ଟ ଦେଇଥିବା ମଞ୍ଜୁରି ଅନୁଯାୟୀ ସରକାର ଆବଶ୍ୟକୀୟ ବଜେଟ୍ ବ୍ୟବସ୍ଥା କରିସାରିଛନ୍ତି ଏବଂ ଆବଶ୍ୟକୀୟ ଅର୍ଥରାଶି ଜିମା ଦେଇସାରିଛନ୍ତି । ସୁତରାଂ ଏହି କାର୍ଯ୍ୟ ପ୍ରସ୍ତାବିତ ହୋଇସାରିଛି ଏବଂ ଏହାକୁ ନ୍ୟାଯ୍ୟ ପରିଣତିରେ ପହଞ୍ଚାଇବା ପାଇଁ ଅବିଳମ୍ବେ ଚଳାଇ ରଖିବାକୁ ପଡିବ । ଜଙ୍ଗଲ ସଂରକ୍ଷଣ ଆଇନ୍ ଅଧୀନରେ ଆବଶ୍ୟକ ହେଉଥିବା ଲିଜ୍ ଦଲିଲ୍ ଏବଂ ଅନ୍ୟାନ୍ୟ ଔପଚାରିକତା ଏହି ଆଇନ୍‌ର ଆବଶ୍ୟକତା ଠାରୁ ଭିନ୍ନ । ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ଯେଉଁ ଅଧିକାର ମିଳିଥାଏ, ତାହା ଉତ୍ତରାଧିକାର ସୂତ୍ରରେ ହସ୍ତାନ୍ତର ହୋଇପାରିବ କିନ୍ତୁ ବିକାକିଣା ସୂତ୍ରରେ ହସ୍ତାନ୍ତର ହୋଇପାରିବନି , ଯାହାକି ପୂର୍ବୋକ୍ତ ଆଇନ୍‌ର ବ୍ୟବସ୍ଥା ଠାରୁ ଭିନ୍ନ ।

### *୧୧. ମୌଖିକ ପ୍ରମାଣ ଭିତ୍ତିକ ଦାବୀକୁ ଉପଖଣ୍ଡ-ସ୍ତରୀୟ କମିଟି ଗ୍ରହଣ କରିପାରିବ କି ?*

ନିୟମ ୧୧(୧)କୁ ନିୟମ ୧୩ ସହ ମିଶାଇ ପଢିଲେ ଏହା ନିଷ୍ପନ୍ନ ହୁଏ ଯେ, ସୂଚୀତ ହୋଇଥିବା ମୋଟ ୯ଟି ଧରଣର ପ୍ରମାଣ ଭିତରୁ ଅନ୍ତତଃ ଦୁଇଟି ଦାଖଲ କରିବା ଯଥେଷ୍ଟ ହେବ । ନିୟମ ୧୩ (୧-ଆଇ) ଅନୁଯାୟୀ ଦାବୀଦାରଙ୍କୁ ବାଦ୍ ଦେଇ ବରିଷ୍ଠ ବ୍ୟକ୍ତିମାନଙ୍କର ବକ୍ତବ୍ୟ, ଯାହାକୁ ଲିଖିତ ରୂପ ଦିଆଯାଇଥିବ, ତାହା ମଧ୍ୟ ପ୍ରମାଣ ବୋଲି ବିବେଚିତ ହେବ । "ଦାବୀଦାରଙ୍କୁ ବାଦ୍ ଦେଇ", ଏହି ଶବ୍ଦପୁଞ୍ଜକୁ ଆମକୁ ବୁଝିବାକୁ ପଡିବ; ସଂପୃକ୍ତ ପ୍ଲଟ୍ ପରିପ୍ରେକ୍ଷୀରେ ଆମକୁ ଏହା ବୁଝିବାକୁ ପଡିବ । ଉପଖଣ୍ଡ-ସ୍ତରୀୟ କମିଟି କୌଣସି ବ୍ୟକ୍ତିଗତ ବା ଯୌଥ ଦାବୀକୁ ଗ୍ରହଣ କରିନଥାଏ । ନିୟମ ୧୪(୫) ଅନୁଯାୟୀ ଉପଖଣ୍ଡ-ସ୍ତରୀୟ କମିଟିର କାର୍ଯ୍ୟ ହେଉଛି, ଗ୍ରାମସଭାର ପ୍ରସ୍ତାବକୁ ବିଚାର କରିବା ଏବଂ ଏହାକୁ ଗ୍ରହଣ ବା ନାକଚ କରି ଯଥୋଚିତ ଆଦେଶ ଜାରି କରିବା । ନିୟମ ୧୩ ଅନୁଯାୟୀ ମୌଖିକ ପ୍ରମାଣ ବିଭିନ୍ନ ଅନୁମୋଦନୀୟ ପ୍ରମାଣ ଭିତରୁ ହେଉଛି ଅନ୍ୟତମ । କିନ୍ତୁ ଗ୍ରାମସଭା ଏକଥା ଦେଖିବ ଯେ, ଅନ୍ତତଃ ଅନ୍ୟ ପ୍ରମାଣଟି ଏହିସବୁ ଧରଣ ଭିତରୁ ଗୋଟିଏ ହୋଇଥିବ; ଯଥା ଗୋଟିଏ ଘରର ଭୌତିକ ବୈଶିଷ୍ଟ୍ୟ, ଗୋଟିଏ ଜମିର ସ୍ଥାୟୀ ଉନ୍ନତୀକରଣ ପାଇଁ ସମତଳୀକରଣ ବା ବନ୍ଧନିର୍ମାଣ ଭଳି କାର୍ଯ୍ୟ, ଜବରଦଖଲ ସମ୍ବନ୍ଧରେ କୋଣସି କେଶ୍ ରେକର୍ଡ, ପ୍ରାଚୀନତାକୁ ସାବ୍ୟସ୍ତ କରୁଥିବା ପାରମ୍ପରିକ ଢଙ୍ଗରେ ନିର୍ମିତ ହୋଇଥିବା

କୌଣସି ଶ୍ମଶାନସ୍ଥଳ, କୂପ, ଧର୍ମସ୍ଥଳ, ବା ବଂଶବୃତ୍ତି ଯେଉଁଥିରେ ଏଭଳି ବ୍ୟକ୍ତିଙ୍କ ନାମ ଅଛି, ଯାହାକି ପୁରାତନ ଜମି ରେକର୍ଡରେ ଉପଲବ୍ଧ ବା ଯେ କି ଅତୀତରେ ସଂପୃକ୍ତ ଗ୍ରାମର ବାସିନ୍ଦା ବୋଲି ଜଣାଶୁଣା ।

*୧୨. ୧୯୩୦ର ଧାର୍ଯ୍ୟ ତାରିଖ ଅନ୍ୟ ରାଜ୍ୟରୁ ଆସିଥିବା ଆଦିବାସୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ କି ?*

ଆଇନ୍ ଦୃଷ୍ଟିରେ ଗୋଟିଏ ରାଜ୍ୟର ଅନୁସୂଚୀତ ଜନଜାତିର ବ୍ୟକ୍ତି ଅନ୍ୟ ରାଜ୍ୟର ଅନୁସୂଚୀତ ଜନଜାତିର ବ୍ୟକ୍ତି ଠାରୁ ଭିନ୍ନ ନୁହେଁ । ତେଣୁ ଧାର୍ଯ୍ୟ ତାରିଖ ଅର୍ଥାତ୍ ୧୩ ଡିସେମ୍ବର ୨୦୦୫ ସମସ୍ତ ଅନୁସୂଚୀତ ଜନଜାତିର ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ ହେବ, ସେମାନଙ୍କର ଜନ୍ମ ଯେ କୌଣସି ରାଜ୍ୟରେ ହୋଇଥାଉନା କାହିଁକି । କିନ୍ତୁ ଏକଥା ସର୍ବଦା ଖିଆଲରେ ରଖିବାକୁ ପଡିବ ଯେ, ଏହି ଆଇନ୍ ଅଧୀନରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାମସଭା ବୈଠକର ନ୍ୟୁନତମ ଉପସ୍ଥାନ ସଂଖ୍ୟା ଶତକଡା ୬୬ ୨/୩ ବାଧ୍ୟତାମୂଳକ ରହିବ ।

*୧୩. ବନ ସଂରକ୍ଷଣ ସମିତି ଏବଂ ଅନ୍ୟାନ୍ୟ ସଂଗଠନ ଓ ବ୍ୟକ୍ତିବିଶେଷ, ଯେଉଁମାନେ କି ଏପର୍ଯ୍ୟନ୍ତ ଜଙ୍ଗଲର ସୁରକ୍ଷା କରିଆସିଛନ୍ତି, ସେମାନଙ୍କର ଭୂମିକା କ'ଣ ହେବ ?*

ଯୁଗ୍ମ ଜଙ୍ଗଲ ପରିଚଳନା ନୀତି ସଂକ୍ରାନ୍ତୀୟ ମାର୍ଗଦର୍ଶୀକା ହେଉଛି ପ୍ରଶାସନିକ ନିର୍ଦ୍ଦେଶାବଳୀ, କିନ୍ତୁ ବର୍ତ୍ତମାନର ପ୍ରାବ୍‌ଧାନଗୁଡିକ ଗୋଟିଏ ଆଇନ୍‌ର ଅଙ୍ଗବିଶେଷ । ସୁତରାଂ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ଗ୍ରାମସଭା/ପଲ୍ଲୀସଭା ବୈଠକରେ ଭାଗନେବା ପାଇଁ ପ୍ରୋତ୍ସାହନ ମିଳିବା ଉଚିତ୍, ଯାହା ଫଳରେ କି ଯଥୋଚିତ ପ୍ରସ୍ତାବମାନ ଗୃହୀତ ହୋଇପାରିବ ।

*୧୪. ଗ୍ରାମସଭା/ପଲ୍ଲୀସଭା ବୈଠକରେ ଯୋଗଦାନ ପାଇଁ ଜଣେ ଜଙ୍ଗଲ ଅଧିକାରୀ ବା ରାଜସ୍ୱ ଅଧିକାରୀଙ୍କୁ ସୂଚନା ମିଳିନାହିଁ । ସେ କ'ଣ ଉପଖଣ୍ଡ-ସ୍ତରୀୟ କମିଟିର ବୈଠକ ବିବରଣୀରେ ସ୍ୱାକ୍ଷର କରିପାରିବେ ?*

ସରକାରଙ୍କ ସମସ୍ତ ବିଭାଗର ତୃଣମୂଳ ସ୍ତରୀୟ କାର୍ଯ୍ୟକର୍ତ୍ତାଗଣଙ୍କର ଏକ କର୍ତ୍ତବ୍ୟ ହେଉଛି ପଲ୍ଲୀସଭା ବୈଠକଗୁଡିକରେ ଯୋଗଦାନ କରିବା । ଏଠାରେ ଏହା ଉଲ୍ଲେଖନୀୟ ଯେ, ପ୍ରଥମ ପର୍ଯ୍ୟାୟର ପଲ୍ଲୀସଭା ବୈଠକ ପାଇଁ ଟେଲିଭିଜନ୍, ରେଡିଓ ଏବଂ ମୁଦ୍ରଣ-ଭିତ୍ତିକ ଗଣମାଧ୍ୟମଗୁଡିକରେ ବ୍ୟାପକ ଭାବେ ସୂଚନା ପ୍ରସାରଣ କରାଯାଇଥିଲା । ତେଣୁ କୌଣସି ବିଭାଗର କୌଣସି କ୍ଷେତ୍ର ଅଧିକାରୀ ଉକ୍ତ ପଲ୍ଲୀସଭା ବୈଠକ ସମ୍ବନ୍ଧରେ ଅଜ୍ଞ ଥିଲେ ବୋଲି ଆଳ ଦେଖାଇ ପାରବେ ନାହିଁ । କିନ୍ତୁ, ଯଦି ଉପଖଣ୍ଡ-ସ୍ତରୀୟ କମିଟି ସ୍ଥିର କରନ୍ତି ଯେ, କୌଣସି ଏକ ବିଷୟ ନିର୍ଦ୍ଦିଷ୍ଟ ଜଣେ ଅଧକାରୀଙ୍କ ଦ୍ୱାରା କ୍ଷେତ୍ର ଉପରେ ଯାଞ୍ଚ ହେବା ଆବଶ୍ୟକ, ତେବେ ସେହି ଅଧିକାରୀ ତାହା ଯେମିତି ହେଲେ ସଂପାଦନ କରିବେ । ଉପଖଣ୍ଡ-ସ୍ତରୀୟ କମିଟି ଯଦି ସ୍ଥିର କରନ୍ତି ଯେ, ଏହି କମିଟି ସପ୍ତାହକୁ ଥରେ ବସିପାରିଲେ, ତାହା କ୍ଷେତ୍ର-ସ୍ତରୀୟ ଯାଞ୍ଚକାର୍ଯ୍ୟକୁ ନିଷ୍ପାପର ଭାବେ ତଦାରଖ କରିବାରେ ସହାୟକ ହେବ, ତେବେ ସେପରି ନିଷ୍ପତ୍ତି ନିଆଯାଇପାରେ ।

*୧୫. ଉପଖଣ୍ଡ-ସ୍ତରୀୟ କମିଟିର ବୈଠକଗୁଡିକରେ ଲକ୍ଷ୍ୟ କରାଯାଇଛି ଯେ, ପଲ୍ଲୀସଭାର ପ୍ରସ୍ତାବ ସଂପୃକ୍ତ ଗ୍ରାମର ସାବାଳକ ସଭ୍ୟମାନଙ୍କର ଶତକଡା ୬୬ ୨/୩ ଭାଗଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇନାହିଁ । ଏପରି ପ୍ରସ୍ତାବକୁ ଗ୍ରହଣ କରାଯାଇ ପାରିବ କି ?*

ଏକଥା ମନେ ରଖିବାକୁ ପଡିବ ଯେ, ପଲ୍ଲୀସଭାର ସଂପାଦକ ଭାବେ ଦାୟିତ୍ୱ ତୁଲାଇଥାନ୍ତି ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଥବା ସଂପ୍ରସାରଣ ଅଧିକାରୀ ଅଥବା ସଂପାଦକ । ଯଦି ସଂପୃକ୍ତ କାର୍ଯ୍ୟକର୍ତ୍ତା ଏକ ଦଲିଲ୍‌କୁ ସ୍ୱାକ୍ଷର କରି ଏହାକୁ ପଲ୍ଲୀ ସଭାର ପ୍ରସ୍ତାବ ରୂପେ ସ୍ୱୀକୃତି ଦେଇଥାନ୍ତି, ତେବେ ଉପସ୍ଥିତ ସମସ୍ତ ସଭ୍ୟମାନଙ୍କ ସ୍ୱାକ୍ଷର ସମ୍ବଳିତ ମୂଳ

ଦଲିଲ୍‌କୁ ନିଜ ରେକର୍ଡ ଭିତରେ ସାଇତି ରଖିବା ହେଉଛି ତାଙ୍କର କର୍ତ୍ତବ୍ୟ । ଯେଉଁସ୍ଥଳେ ସେ ନିଜର ସ୍ୱାକ୍ଷର ସହ ଏହାର ନକଲକୁ ଉପଖଣ୍ଡ-ସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବେ, ସେପରି ସ୍ଥଳେ ଉପଖଣ୍ଡ-ସ୍ତରୀୟ କମିଟି ତାହାକୁ ଏକ ସତ୍ୟତା-ଭିତ୍ତିକ ଦଲିଲ୍ ରୂପେ ଗ୍ରହଣ କରିବା ବିଧେୟ । ଏହି ପଦ୍ଧତି ଠିକ୍ ବିଧାନ ସଭାରେ ଗୃହୀତ ଏକ ଆଇନ୍ ପରିପ୍ରେକ୍ଷୀରେ ଅନୁସୃତ ହେଉଥିବା ପଦ୍ଧତିର ଅନୁରୂପ । ବିଧାନସଭାରେ ଗୃହୀତ ହେଉଥିବା ପ୍ରତି ଆଇନ୍ ବା ପ୍ରସ୍ତାବରେ ଉପସ୍ଥିତ ପ୍ରତି ସଭ୍ୟଙ୍କର ସ୍ୱାକ୍ଷର ନଥାଏ । କେବଳ ପ୍ରାଧିକୃତ ଅଧିକାରୀଙ୍କର ସ୍ୱାକ୍ଷର ହିଁ ଯଥେଷ୍ଟ । ଠିକ୍ ସେହି ନ୍ୟାୟରେ ଉପଖଣ୍ଡ-ସ୍ତରୀୟ କମିଟି ଗୋଟିଏ କାର୍ଯ୍ୟ-ବିବରଣୀକୁ ସତ୍ୟପୂର୍ଣ୍ଣ ବୋଲି ମନେକରିବ ଯେପର୍ଯ୍ୟନ୍ତ ଏହା ବିରୁଦ୍ଧରେ କୌଣସି ଅଭିଯୋଗ ଆଗତ ନହୋଇଛି । ଠିକ୍ ସେହି ନ୍ୟାୟରେ ସ୍ଥିରୀକୃତ ହେବ ଜଙ୍ଗଲ ଅଧିକାର କମିଟିରେ ଏକ ତୃତୀୟାଂଶ ଅନୁସୂଚୀତ ସଭ୍ୟମାନେ ଅଛନ୍ତି କି ନା, ଏବଂ ଜଙ୍ଗଲ ଅଧିକାର କମିଟିରେ ଏକ ତୃତୀୟାଂଶ ମହିଳା ସଭ୍ୟା ନିର୍ବାଚିତ ହୋଇଛନ୍ତି କି ନା । ଯେତେବେଳେ ଉପଖଣ୍ଡ-ସ୍ତରୀୟ କମିଟି ଏହାକୁ ଯାଞ୍ଚ କରିବାର ବିଶେଷ ଆବଶ୍ୟକତା ଅନୁଭବ କରିବେ, ସେମାନେ ସେତେବେଳେ ତାହା କରିପାରନ୍ତି । ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସଂପ୍ରସାରଣ ଅଧିକାରୀମାନଙ୍କ ସହାୟତାରେ ସମୟାନ୍ତରରେ ନିରୀକ୍ଷଣ କରିବା ସହିତ ପଲ୍ଲୀସଭାଗୁଡିକୁ ଦଲିଲ୍‌ପତ୍ର ଯଥାରୀତି ସାଇତି ରଖିବା ସମ୍ବନ୍ଧରେ ମାର୍ଗଦର୍ଶନ କରିବାର ଆବଶ୍ୟକତା ରହିଛି ।

***୧୬. ସଚେତନତା ସୃଷ୍ଟି ଓ ପ୍ରଶିକ୍ଷଣ ପାଇଁ ରାଜ୍ୟ ସରକାର କୌଣସି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି କି ?***

ଉପଖଣ୍ଡ ସ୍ତରୀୟ କମିଟି ଓ ଜିଲ୍ଲା ସ୍ତରୀୟ କମିଟି ସଚେତନତା ସୃଷ୍ଟି ତଥା କମିଟିସମୂହର ସଭ୍ୟମାନଙ୍କୁ ଏବଂ ସଂପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ପାଇଁ କେତେକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଆଇନ୍ ଓ ନିୟମାବଳୀର ଓଡିଆ ଏବଂ ଇଂରାଜୀ ସଂସ୍କରଣ ମୁଦ୍ରିତ ହୋଇ ଜିଲ୍ଲା ସ୍ତରୀୟ ଏବଂ ଉପଖଣ୍ଡ ସ୍ତରୀୟ କମିଟିମାନଙ୍କୁ ବଣ୍ଟନ କରାଯାଇଛି , ଯାହା ଫଳରେ ଆଇନ୍‌ର କାର୍ଯ୍ୟକାରିତା ସହ ସଂପୃକ୍ତ ଥିବା ଗ୍ରାମ ଜଙ୍ଗଲ ଅଧିକାର କମିଟି ଏବଂ ଅନ୍ୟମାନଙ୍କ ଭିତରେ ଏସବୁର ପ୍ରସାରଣ ଘଟିପାରିବ ।

***୧୭. ହିତାଧିକାରୀମାନଙ୍କୁ ଦାବୀ ଫର୍ମ 'ଏ' ଓ 'ବି' କିଏ ଯୋଗାଇଦେବେ ଏବଂ ଏହି ଫର୍ମ ପାଇବା ପାଇଁ କିଛି ଫିସ୍ ଦେବାକୁ ପଡିବ କି ?***

ସମସ୍ତ ଅନୁସୂଚୀତ ଅଞ୍ଚଳରେ ଆଇ.ଟି.ଡି.ଏ.ର ପ୍ରକଳ୍ପ ସହାୟକମାନେ ଏବଂ ଅଣ-ଅନୁସୂଚୀତ ଅଞ୍ଚଳ ଥିବା ଜିଲ୍ଲା ମାନଙ୍କରେ ଜିଲ୍ଲା ମଙ୍ଗଳ ଅଧିକାରୀମାନେ ଫର୍ମ 'ଏ' ଓ 'ବି'କୁ ଆବଶ୍ୟକ ସଂଖ୍ୟାରେ ମୁଦ୍ରଣ କରି ହିତାଧିକାରୀମାନଙ୍କ ଭିତରେ ମାଗଣାରେ ବଣ୍ଟନ କରିବେ ।

***୧୮. ରେଜିଷ୍ଟର୍, ଫାଇଲ୍ ଏବଂ କାଗଜାଦି କିଣିବା ପାଇଁ ଜଙ୍ଗଲ ଅଧିକାର କମିଟିମାନେ କେଉଁ ସୂତ୍ରରୁ ପାଣ୍ଠି ପାଇପାରିବେ ?***

ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ଆଇନ୍‌ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ବ୍ୟୟ ବହନ କରିବା ସକାଶେ ସମସ୍ତ ଆଇ.ଟି.ଡି.ଏ.ର ପ୍ରକଳ୍ପ ସହାୟକ ଏବଂ ଅଣ-ଅନୁସୂଚୀତ ଅଞ୍ଚଳ ଜିଲ୍ଲାଗୁଡିକର ସମସ୍ତ ଡି.ଆର୍.ଡି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଆବଶ୍ୟକୀୟ ପାଣ୍ଠି ଯୋଗାଣ କରାଯାଇଛି ।

***୧୯. ଯୌଥ ଅଧିକାର ଏବଂ ବ୍ୟକ୍ତିଗତ ଅଧିକାରର ସ୍ୱୀକୃତି ଏବଂ ନ୍ୟସ୍ତୀକରଣ ବିଷୟରେ କିଏ ନିଷ୍ପତ୍ତି ନେବେ ?***

ଏହା ଗ୍ରାମସଭା ହିଁ ଫଇସଲା କରିବ । କେବଳ ବିବାଦ ଉପୁଜିଲେ, ଉପଖଣ୍ଡ-ସ୍ତରୀୟ କମିଟି ବା ଜିଲ୍ଲା-ସ୍ତରୀୟ କମିଟି ଭଳି ଉଚ୍ଚତର କମିଟିମାନଙ୍କ ନିକଟରେ ଅପିଲ୍ କରାଯାଇ ପାରିବ ।

### *୨୦. ଥଇଥାନ ହୋଇପାରି ନଥିବା ବିସ୍ଥାପିତ ଆଦିବାସୀମାନଙ୍କ ପାଇଁ କି କି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ?*

ଆଇନ୍‌ର ଧାରା ୩(୧-ଏମ୍) ଅନୁଯାୟୀ ଯେଉଁସ୍ଥଳେ ଅନୁସୂଚୀତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ବନବାସୀମାନେ ଯେ କୋଣସି ପ୍ରକାର ଜଙ୍ଗଲ ଜମିରୁ ବେଆଇନ୍ ଭାବେ ବେଦଖଲ ବା ବିସ୍ଥାପିତ ହୋଇଥିବେ, ଅଥଚ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଥଇଥାନ ବାବଦରେ ସେମାନଙ୍କର ଆଇନାନୁମୋଦିତ ପ୍ରାପ୍ୟ ପାଇନଥିବେ, ସେପରି ସ୍ଥଳେ ବିକଳ୍ପ ଜମି ସମେତ ପୂର୍ବ ସ୍ଥାନରେ ଥଇଥାନ ହେବାର ଅଧିକାର ସେମାନଙ୍କର ରହିଛି ।

ଆଇନ୍‌ର ଧାରା ୪(୮) କହିଥାଏ ଯେ, ଏହି ଆଇନ୍ ଅଧୀନରେ ସ୍ୱୀକୃତ ଏବଂ ନ୍ୟସ୍ତୀକୃତ ଜଙ୍ଗଲ ଅଧିକାରସମୂହ ଭିତରେ ଅନ୍ତର୍ଭୁକ୍ତ ରହିଛି ସେହିସବୁ ବନବାସୀ ଅନୁସୂଚୀତ ଜନଜାତିସମୂହ ଏବଂ ଅନ୍ୟ ପାରମ୍ପରିକ ବନବାସୀମାନଙ୍କର ଜମି ଉପରେ ଅଧିକାର, ଯେଉଁମାନେ କି ସାବ୍ୟସ୍ତ କରିପାରିବେ ଯେ, ସେମାନେ କୌଣସି ନା କୌଣସି ସରକାରୀ ଉନ୍ନୟନ ପ୍ରକଳ୍ପ ଯୋଗୁଁ ନିଜର ଘରଡିହ ଏବଂ ଚାଷଜମିରୁ ବିସ୍ଥାପିତ ହୋଇଥିଲେ ଅଥଚ ଜମି ବାବଦରେ କ୍ଷତିପୂରଣ ପାଇନଥିଲେ ଏବଂ ପୁଣି ସେମାନଙ୍କର ଜମି ଯେଉଁ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିଲା, ସେ ଉଦ୍ଦେଶ୍ୟରେ ଅଧିଗ୍ରହଣର ୫ବର୍ଷ ଭିତରେ ତାହା ବ୍ୟବହୃତ ହୋଇପାରିନଥିଲା ।

### *୨୧. କେଉଁମାନଙ୍କୁ ପାରମ୍ପରିକ ବନବାସୀ କୁହାଯିବ ?*

ଆଇନ୍‌ର ଧାରା ୨(ଓ)ର ସଂଜ୍ଞାୟନ ଅନୁଯାୟୀ 'ଅନ୍ୟ ପାରମ୍ପରିକ ବନବାସୀ'ର ଅର୍ଥ କୌଣସି ବ୍ୟକ୍ତି ବା ଜନଗୋଷ୍ଠୀ ଯେ କି ୧୩ ଡିସେମ୍ବର ୨୦୦୫ ପୂର୍ବରୁ ତିନି ପୁରୁଷ (୭୫ ବର୍ଷ) ଧରି ନିଜ ଜୀବିକାର ପ୍ରକୃତ ଆବଶ୍ୟକତାଗୁଡିକ ମେଣ୍ଟାଇବା ପାଇଁ ଜଙ୍ଗଲରେ ବା ଜଙ୍ଗଲ ଜମିରେ ମୂଳତଃ ବସବାସ କରିଆସିଛନ୍ତି ବା ତାହା ଉପରେ ନିର୍ଭର କରି ଆସିଛନ୍ତି ।

### *୨୨. ଆଇନ୍‌ରେ ଥିବା 'ଜଙ୍ଗଲ ଜମି'ର ସଂଜ୍ଞା କେବଳ ଜଙ୍ଗଲ ବିଭାଗ ଅଧୀନରେ ଥିବା ଜମି ପ୍ରତି ପ୍ରଯୁଜ୍ୟ ନା ରାଜସ୍ୱ ବିଭାଗ ଅଧୀନରେ ଥିବା ଜଙ୍ଗଲ ଜମି (ଜଙ୍ଗଲ କିସମ) ଆଇନ୍‌ର ପରିସର ଭିତରକୁ ଆସୁଛି ?*

'ଜଙ୍ଗଲ ଜମି'ର ଅର୍ଥ ଜଙ୍ଗଲ ଅଞ୍ଚଳରେ ଥିବା ଯେ କୌଣସି କିସମର ଜମି ଏବଂ ଏହି ସଂଜ୍ଞା ଭିତରେ ଅନ୍ତର୍ଭୁକ୍ତ ହେବ ଶ୍ରେଣୀଭୁକ୍ତ ହୋଇନଥିବା ଜଙ୍ଗଲସମୂହ, ଚିହ୍ନଟ ହୋଇନଥିବା ଜଙ୍ଗଲ ସମୂହ, ସ୍ଥିତିବାନ୍ ବା ତଦୃଶ ଜଙ୍ଗଲସମୂହ, ସୁରକ୍ଷିତ ଜଙ୍ଗଲସମୂହ, ସଂରକ୍ଷିତ ଜଙ୍ଗଲସମୂହ, ଅଭୟାରଣ୍ୟସମୂହ ଓ ଜାତୀୟ ଉଦ୍ୟାନସମୂହ । ସୁତରାଂ ଆଇନ୍ ଅଧୀନରେ ସୂଚୀତ ହୋଇଥିବା 'ଜଙ୍ଗଲ ଜମି'ର ସଂଜ୍ଞା ସମସ୍ତ ପ୍ରକାର ଜଙ୍ଗଲ ପ୍ରତି ପ୍ରଯୁଜ୍ୟ, ଯାହା ଭିତରେ ଅନ୍ତର୍ଭୁକ୍ତ ହେବ ରାଜସ୍ୱ ରେକର୍ଡରେ ଥିବା 'ଜଙ୍ଗଲ କିସମ' ଜମି ।